# SAKHI

A road blocking concept “Caste-ism" which is breaking the bridge of development. The SAKHI centre run by People’s Forum put all efforts for wedding of a women in difficulty with her liked men where caste is no bar in their marriage.

PRAGATIBADI,28/10/2017

## ଭିନ୍ନ ଜାତିର ଯୁବକ- ଯୁବତୀଙ୍କ ବିବାହ



**ଭୁବନେଶ୍ୱର,ତା୨୭।୧୦(ପିଏନଏସ)** : ପିପୁଲ୍ସ ଫୋରମ ଦ୍ୱାରା ପରିଚାଳିତ କ୍ୟାପିଟାଲ ହସ୍ପିଟାଲରେ କାର୍ଯ୍ୟ କରୁଥିବା ଏକମାତ୍ର ମହିଳା ସହାୟତା କେନ୍ଦ୍ର ସଖୀ ଓ ଖୋର୍ଦ୍ଧା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଶୁକ୍ରବାର ଏକ ଭିନ୍ନ ଜାତିର ଯୁବକ ଦୀପକ ସେଠୀ ଓ ଯୁବତୀ ଉର୍ମିଳା ସାହୁଙ୍କ ମଧରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦିକା ମଧୁମିତା ମହାନ୍ତି ଓ ଆଇନ୍‌ଜୀବୀ ହରପ୍ରିୟା ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିବାହ କାର୍ଯ୍ୟ ସମାପନ କରାଯାଇଥିଲା । ପ୍ରକାଶଥାଉକି ଉପରୋକ୍ତ ଯୁବକ ଯୁବତୀ ୨ଜଣ ୮ ବର୍ଷ ଧରି ସମ୍ପର୍କରେ ରହିଥିଲେ । ସେମାନେ ଭିନ୍ନ ଜାତିର ହୋଇଥିବାରୁ ବିବାହ ହୋଇପାରୁ ନଥିଲା । ତେଣୁ ରାଜଧାନୀରେ କାର୍ଯ୍ୟ କରୁଥିବା ନାରୀ ସହାୟତା କେନ୍ଦ୍ର ସଖୀକୁ ଆସି ସହାୟତା ଲୋଡ଼ିଥିଲେ । ସାଖୀ ଦ୍ୱାରା ଆଇନ୍ ସେବା ପ୍ରାଧିକାରିତାର ସହାୟତା ନିଆଯାଇଥିଲା । ଏହି ବିବାହ କାର୍ଯ୍ୟରେ ଜଗତସିଂହପୁର ସ୍ଥିତ ପୁଅର ପରିବାର ଓ ଯାଜପୁରସ୍ଥିତ ଝିଅର ପରିବାରର ସଦସ୍ୟ ଓ ସଖୀର କର୍ମଚାରୀ ମୋନାଲିସା, ଶେଷାଦ୍ରୀଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି ।

**(One step against social stigma by SAKHI)**